# ଶ୍ରୀମନ୍ଦିରର ସ୍ଥାପତ୍ୟ ଓ ଚିତ୍ରକଳାର ଐତିହ୍ୟ

ଡକ୍ଟର ପୂର୍ଣ୍ଣଚନ୍ଦ୍ର ସାହୁ

ଉତ୍କୃଷ୍ଟ କଳା ହେତୁ ଆମ ରାଜ୍ୟର ନାମ ଉତ୍କଳ । ପୁରୀ-କୋଣାର୍କ ମନ୍ଦିର, ପ୍ରାଚୀ ନଦୀ ତଟ ତୁଳସୀପୁରର ପ୍ରାଚୀନ ବାରାହୀ ମନ୍ଦିର, ସୁନ୍ଦରଗଡ଼ ଜିଲ୍ଲାର ଓଷାକୋଠି, କେନ୍ଦୁଝର ଜିଲ୍ଲାର ସୀତାବାଞ୍ଜୀ, ଖୋର୍ଦ୍ଧା ଜିଲ୍ଲାର ଖଣ୍ଡଗିରି ଓ ଉଦୟଗିରି ପାହାଡ଼ ଗୁମ୍ଫା, ଧଉଳି ପାହାଡ଼ ପ୍ରଭୃତି ସ୍ଥାନର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟରେ କିଛିନା କିଛି ଐତିହ୍ୟ ରହିଛି । ବିଶେଷତଃ ଏସବୁ ଚିତ୍ରକଳା ଓ ଭାସ୍କର୍ଯ୍ୟରେ ରାମାୟଣ, ମହାଭାରତର ବିଷୟବସ୍ତୁ, ଶ୍ରୀକୃଷ୍ଣଙ୍କ ବହୁବିଧ ଲୀଳା, ରାଜା-ମହାରାଜାଙ୍କ ଦିଗ୍‌ବିଜୟ ସମର ଯାତ୍ରା, କଳିଙ୍ଗ ସାଧବମାନଙ୍କ ଦୁଃସାହସିକ ସାମୁଦ୍ରିକ ନୌବାଣିଜ୍ୟ, ତତ୍କାଳୀନ ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଜୀବନର ଚିତ୍ର, ବିଭିନ୍ନ ପଶୁପକ୍ଷୀର ସ୍ଥାପତ୍ୟ ରହିଥିବାରୁ ଉତ୍ତର ପିଢ଼ିର ଦାୟାଦମାନେ ଏସବୁକୁ ଅବଲୋକନ କରି ପ୍ରାଚୀନ ଉତ୍କଳୀୟ ଶିଳ୍ପୀଙ୍କ ନିଖୁଣ କଳା ଚାତୁରୀ ଓ ଧର୍ମ ଧାରଣା ଜ୍ଞାନ ସମ୍ପର୍କରେ ଅବଗତ ହୋଇଥାଆନ୍ତି । ତତ୍ ସଙ୍ଗେ ସଙ୍ଗେ ପ୍ରାଚୀନ ଉତ୍କଳର ଗୌରବୋଜ୍ଜ୍ୱଳ ଇତିହାସ, ଉନ୍ନତ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ରାଜନୈତିକ ଓ ଆଧ୍ୟାତ୍ମିକ ଅବସ୍ଥାର ସବିଶେଷ ପରିଚୟ ପାଇପାରିଥାନ୍ତି । ଭବିଷ୍ୟତ ପିଢ଼ିର ଦାୟାଦମାନଙ୍କୁ ପୂର୍ବଜମାନଙ୍କ ସାମାଜିକ ଜୀବନ, ଧର୍ମଧାରଣା ସମ୍ପର୍କରେ ସଚେତନ କରାଇବା ପାଇଁ ମନ୍ଦିର, ପାହାଡ଼ ଗୁମ୍ଫାରେ ଅତୀତ ଐତିହ୍ୟକୁ ଭାସ୍କର୍ଯ୍ୟ, ଚିତ୍ରକଳାରେ ଉତ୍କଳର ଶିଳ୍ପୀମାନେ ଏପରି ନିଖୁଣ କରି ଆଙ୍କି ଦେଇଯାଇଛନ୍ତି ଯେ, ଯାହାକୁ ଦେଖି ଆମ ଗୌରବୋଜ୍ଜ୍ୱଳ ଐତିହ୍ୟକୁ ଆମେ ମନେପକାଇ ଥାଉ ।

ଉଦାହରଣ ସ୍ୱରୂପ ଦେଖିଲେ କୋଣାର୍କ ସୂର୍ଯ୍ୟମନ୍ଦିର ମୁଖଶାଳାର ଦକ୍ଷିଣପାର୍ଶ୍ୱ ସ୍ଥାପତ୍ୟରେ ଏକ ଶିଳାଖଣ୍ଡରେ ଖୋଦିତ ଦୁର୍ଗା, ଜଗନ୍ନାଥ ଓ ଶିବଲିଙ୍ଗଙ୍କ ସ୍ଥାପତ୍ୟ, ଜିରାଫ ଚିତ୍ର, ପୁରୀ ଶ୍ରୀମନ୍ଦିର ଭୋଗମଣ୍ଡପର ପୂର୍ବ-ଉତ୍ତର ପାର୍ଶ୍ୱ କାନ୍ଥରେ ଥିବା ଭାସମାନ ନୌକା ଚିତ୍ର ଭୋଗମଣ୍ଡପର ପୂର୍ବପଟର ଉତ୍ତର ଆଡ଼କୁ ଥିବା ଦୁଇଜଣ ଦଣ୍ଡକ ମଣ୍ଡଳୁଧାରୀ ସନ୍ନ୍ୟାସୀ ଓ ନାରୀର ଚିତ୍ର ସମ୍ପର୍କରେ ଅନେକ ଶିକ୍ଷା ମିଳିଥାଏ । ଏସବୁ ସ୍ଥାପତ୍ୟରୁ ଉତ୍କଳର ତତ୍କାଳୀନ ଧାର୍ମିକ ଅବସ୍ଥା, ବୈଷ୍ଣବ, ଶାକ୍ତ ଓ ଶୈବ ଧର୍ମ ସମନ୍ୱୟ ସମ୍ପର୍କରେ ଜାଣିହୁଏ । ଅନେକ ସ୍ଥାପତ୍ୟରେ ସାମାଜିକ ଶୃଙ୍ଖଳା, ସାମାଜିକ ବିକାଶରେ ନାରୀମାନଙ୍କ ସମ୍ପୃକ୍ତି, ନାରୀ ସ୍ୱାଧୀନତାକୁ ସୁନ୍ଦର ଭାବରେ ଦର୍ଶାଇ ଦିଆଯାଇଛି । ଏସବୁ ସ୍ଥାପତ୍ୟରେ ଶିଳ୍ପୀ ଉଭୟ ଭ୍ରଷ୍ଟାଚାର ଓ ଶିଷ୍ଟାଚାରକୁ ଧର୍ମମତର ପ୍ରଭାବକୁ କଳା ସ୍ଥାପତ୍ୟ ମାଧ୍ୟମରେ ଦର୍ଶାଇ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ଚେଷ୍ଟା କରିଛନ୍ତି । ଭୋଗମଣ୍ଡପର ଉତ୍ତର-ପୂର୍ବ ଦିଗରେ କୋଣପଗର ତଳଜଂଘାରେ ଥିବା ସ୍ଥାପତ୍ୟରେ ମହିଳା ନାଉରିମାନଙ୍କ ଦ୍ୱାରା ଆହୁଲା ସାହାଯ୍ୟରେ ନୌକା ଚାଳିତ ହେଉଥିବା ଦୃଶ୍ୟ ପ୍ରଦର୍ଶିତ ହୋଇଅଛି । ଉକ୍ତ ଭାସ୍କର୍ଯ୍ୟରୁ ପ୍ରାଚୀନ କଳିଙ୍ଗର ମହିଳାମାନେ ନୌଚାଳନାରେ ଦକ୍ଷ ଥିଲେ, ଏହାର ପ୍ରମାଣ ମିଳେ ।

ଦକ୍ଷିଣଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କଲେ ଦକ୍ଷିଣଦ୍ୱାର ଗୁମୁଟ ଭିତରର ଉତ୍ତରପାର୍ଶ୍ୱ କାନ୍ଥ ତୋରଣ ଉପରେ ଚୂନ ନିର୍ମିତ ନୀଳଚକ୍ରର ଏକ ସ୍ଥାପତ୍ୟ ଦେଖିବାକୁ ମିଳିଥାଏ । ଏହା ଶ୍ରୀମନ୍ଦିର ଚୂଡ଼ାଦେଶରେ ବିରାଜିତ ମୁଖ୍ୟ ଲାଞ୍ଛନ ନୀଳ ଚକ୍ରର ପ୍ରତୀକାତ୍ମକ ହୋଇଥିଲେ ମଧ୍ୟ ଶୈଳ୍ପିକ ବିଧାନ ଅନୁଯାୟୀ ଗଠନ ଦୃଷ୍ଟିରୁ ମୁଖ୍ୟ ନୀଳଚକ୍ରଠାରୁ ଏହା ଅନେକାଂଶରେ ଭିନ୍ନ । ଶ୍ରୀମନ୍ଦିର ଚୂଡ଼ାରେ ବିରାଜିତ ନୀଳଚକ୍ରର ପକ୍ଷ ସଂଖ୍ୟା ଆଠ

ଓ ଅର ସଂଖ୍ୟା ଆଠ। ଏହା ଅଷ୍ଟଧାତୁରେ ନିର୍ମିତ ହୋଇଥିବା ବେଳେ ଦକ୍ଷିଣ ଗୁମୁଟ ଭିତରେ ଥିବା ଚୂନ ନିର୍ମିତ ନୀଳଚକ୍ର ସ୍ଥାପତ୍ୟର ଅର ସଂଖ୍ୟା ଆଠ ଥିବାବେଳେ ପକ୍ଷ ସଂଖ୍ୟା ଦଶ। ମୁଖ୍ୟ ନୀଳଚକ୍ରର ମଧ୍ୟାଂଶରେ ନେମି ଥିବାବେଳେ ଗୁମଟ ଭିତର ନୀଳଚକ୍ରରେ ନେମି ସ୍ଥାନରେ ଉଗ୍ର ମହାବୀର ରହିଛନ୍ତି। ଅର, ପକ୍ଷ, ଆକର, ଓଜନ ଓ ଗଠନ ଶୈଳୀ ଦୃଷ୍ଟିରୁ ଉଭୟ ନୀଳଚକ୍ର ଉଭୟଙ୍କଠାରୁ ଭିନ୍ନ। ଏହି ଚୂନ ନିର୍ମିତ ନୀଳଚକ୍ର ସ୍ଥାପନ ସମ୍ବନ୍ଧରେ କୌଣସି ପ୍ରମାଣିକ ତଥ୍ୟ ଲେଖକଙ୍କ ନଜରକୁ ଆସି ନଥିଲେ ମଧ୍ୟ 'ସୂତସଂହିତା'ରେ ବର୍ଣ୍ଣିତ କିମ୍ବଦନ୍ତୀକୁ ଆଧାର କରି ଏଠାରେ ଆଲୋଚନା କରାଯାଇଅଛି।

ଏହାର କାରଣ ଖୋଜିଲେ ଏତିକି କୁହାଯାଇପାରେ ଭଗବାନ ଶ୍ରୀଜଗନ୍ନାଥ ଭକ୍ତବତ୍ସଳ। ତାଙ୍କ ଦୃଷ୍ଟିରେ ଭକ୍ତ ସବୁଠାରୁ ବଡ଼। ଯେଉଁମାନେ ମିଥ୍ୟା ଜ୍ଞାନର ଅହଂକାର, ଅଭିମାନରେ ପ୍ରମତ୍ତହୋଇ ଭବଭୟ ହରଣକାରୀ ଭଗବାନଙ୍କୁ ଶ୍ରଦ୍ଧା, ଭକ୍ତି କରି ନଥାନ୍ତି, ସେମାନେ ଦେବ ଦୁର୍ଲ୍ଲଭ ପଦପ୍ରାପ୍ତି ହୋଇ ମଧ୍ୟ ସେଥିରୁ ପତିତ ହୋଇଥାନ୍ତି। ଯେଉଁମାନେ ନିଷ୍କାମ ଭାବ ବିଶ୍ୱାସ ନେଇ ସମସ୍ତ ଆଶା ପରିହାର କରି ନିଜକୁ ଭଗବାନଙ୍କର ଦାସ ଜ୍ଞାନ କରନ୍ତି, କେବଳ ଭଗବାନଙ୍କ ନାମ ଜପକରି ମଧ୍ୟ ବିନାଶ୍ରମରେ ଭବସାଗର ତରିଥାଆନ୍ତି।

### ଚାରିଚକ୍ର ହନୁମାନ ଉପାଖ୍ୟାନ

ମହାବିଷ୍ଣୁଙ୍କର ସୁଦର୍ଶନ ଶ୍ରୀକର ଶୋଭିତ ଦିବ୍ୟାୟୁଧ। କଳିଯୁଗରେ ପରମ ବିଷ୍ଣୁ ଶ୍ରୀଜଗନ୍ନାଥ ଲୀଳା ସଂରଚନା କରିବା ପାଇଁ ମର୍ତ୍ତ୍ୟବୈକୁଣ୍ଠ ଶ୍ରୀକ୍ଷେତ୍ରରେ ହସ୍ତପଦ ବିହୀନ ହୋଇ ଆୟୁଧ ଧାରଣ ନ କରିବାରୁ ଶ୍ରୀସୁଦର୍ଶନଙ୍କ ମନରେ ଅହଙ୍କାର ଜାତ ହୋଇଥିଲା। ସେ ଭାବିଥିଲା – ମୋ ବଳରେ ପ୍ରଭୁ ବଳୀୟାନ, ମୋ ବିନା ପ୍ରଭୁ ଶକ୍ତିହୀନ। ଅନ୍ତର୍ଯ୍ୟାମୀ ଶ୍ରୀଜଗନ୍ନାଥ ନିଜ ଆୟୁଧ ସୁଦର୍ଶନର ଆତ୍ମବଡ଼ିମା ଜାଣି ଚିନ୍ତିତ ହୋଇପଡ଼ିଥିଲେ। ଗର୍ବ ଗଞ୍ଜନ ସେ। କାହାରି ଗର୍ବ ସହି ନଥାନ୍ତି। ସେବକ ସୁଦର୍ଶନର ଗର୍ବ ଅହଂକାରରୁ ସେ ସହ୍ୟ କରିପାରିଥାନ୍ତେ କିପରି ? ଆୟୁଧ ସୁଦର୍ଶନଙ୍କ ଅହଂ ଧ୍ୱଂସ କରିବା ପାଇଁ ସୁଦର୍ଶନଙ୍କୁ ତପସ୍ୱୀ ହନୁମାନଙ୍କୁ ଡ଼ାକି ଆଣିବା ପାଇଁ ପଠାଇଥିଲେ। ଅହଂକାର ପ୍ରମତ୍ତ ସୁଦର୍ଶନ ନିଜ ଅନିଚ୍ଛା ସତ୍ତ୍ୱେ ହନୁମାନଙ୍କୁ ପ୍ରଭୁଙ୍କ ଆଦେଶ ଜଣାଇ ଫେରିଆସି ଭକ୍ତ ହନୁମାନଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରାଇ ନ ଦେବା ପାଇଁ ନିଜକୁ ଚାରି ଭାଗରେ ବିଭକ୍ତ କରି ଚାରିଚକ୍ର ହୋଇ କ୍ଷୀପ୍ର ଗତିରେ ଘୂର୍ଣ୍ଣାୟମାନ ହୋଇ ଶ୍ରୀମନ୍ଦିରର ଚାରିଦ୍ୱାରକୁ ଅବରୋଧ କରିଦେଲେ। ସୁଦର୍ଶନଙ୍କ ଔଦ୍ଧତ୍ୟ ଯୋଗୁଁ ଭକ୍ତ ହନୁମାନ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରି ନ ପାରି ପ୍ରଭୁ ତ୍ରୈଲୋକ୍ୟ ଚିନ୍ତାମଣି ଶ୍ରୀଜଗନ୍ନାଥଙ୍କୁ ସ୍ତୁତି କଲେ। ସହସା ତପସ୍ୱୀ ହନୁମାନଙ୍କ ସ୍କନ୍ଧରୁ ଆଉ ଛଅଗୋଟି ଭୁଜ ଉଦ୍‌ଧିତ ହୋଇଥିଲା। ସେ ହେଲେ ଅଷ୍ଟଭୁଜ ହନୁମାନ। ଚାରିଭୁଜରେ ଚାରିଦ୍ୱାର ଅବରୋଧ କରି ଚାରି ଚକ୍ର ଓ ଦୁଇଭୁଜରେ ଜପାମାଳା ଧରି ପ୍ରଭୁଙ୍କ ନାମ ଜପି, ଅନ୍ୟ ଦୁଇଭୁଜକୁ ସମର୍ପଣାତ୍ମକ ଭାବରେ ଯୋଡ଼ି ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ସୁଦର୍ଶନର ଔଦ୍ଧତ୍ୟ ସମ୍ବନ୍ଧରେ ଜଣାଇଲେ। ସୁଦର୍ଶନ ଭକ୍ତ ହନୁମାନଙ୍କୁ ହେୟଜ୍ଞାନ କରି ଶ୍ରୀମନ୍ଦିର ଦ୍ୱାର ଅବରୋଧ କରି ଭିତରକୁ ପ୍ରବେଶ କରାଇ ନ ଦେଇ ଅପମାନିତ କରିଥିବାରୁ ଶ୍ରୀଜଗନ୍ନାଥ ଚକ୍ରାକାର ସୁଦର୍ଶନଙ୍କୁ ସ୍ତମ୍ଭାକାର ଦାରବ ଦଣ୍ଡହୋଇ ତାଙ୍କ ବାମ ବାର୍ଶ୍ୱରେ ରହିବା ପାଇଁ ଅଭିଶାପ ଦେଇଥିଲେ। ଭକ୍ତ ହନୁମାନର ଭକ୍ତି, ସମର୍ପଣରେ ସନ୍ତୁଷ୍ଟ ହୋଇ ତାଙ୍କୁ ଉତ୍ତର ଦ୍ୱାରରେ କୋଇଲି ବୈକୁଣ୍ଠ ବାହାରେ ଚାରିଚକ୍ରଧାରୀ ତପସ୍ୱୀ ହନୁମାନ ବା ଅଷ୍ଟଭୁଜ ହନୁମାନ ହୋଇ ପୂଜିତ ହେବାପାଇଁ ଆଶୀର୍ବାଦ କଲେ।

ସୁଦର୍ଶନ ନିଜର ଅକ୍ଷମଣୀୟ ଭୁଲ ବୁଝି ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ଦଣ୍ଡର ଲାଘବ ପାଇଁ କ୍ଷମା ଭିକ୍ଷା କରିବାରୁ ଭକ୍ତ ବତ୍ସଳ ଶ୍ରୀଜଗନ୍ନାଥ ସେବକର ଅହଙ୍କାରଶୂନ୍ୟ ଆତ୍ମସମର୍ପଣରେ ପ୍ରୀତହୋଇ ତାଙ୍କୁ କଳିଯୁଗରେ ଶ୍ରୀମନ୍ଦିର ଚୂଡ଼ାରେ ବିରାଜିତ ହେବା ପାଇଁ ଅଭୟ ଦେଲେ। ଦୂରରୁ ନୀଳଚକ୍ରକୁ ଦେଖି ଭକ୍ତମାନେ ଶ୍ରୀଜଗନ୍ନାଥ ଦର୍ଶନର ସମଫଳ

ପାଇପାରିବେ ବୋଲି ବରଦାନ କଲେ । ସେହି କାଳରୁ ସୁଦର୍ଶନ ଦ୍ୱିଧା ବିଭକ୍ତହୋଇ ସ୍ତମ୍ଭାକାରହୋଇ ରତ୍ନସିଂହାସନରେ ଓ ଚକ୍ରାକାର ହୋଇ ନୀଳଚକ୍ର ନାମରେ ଶ୍ରୀମନ୍ଦିର ଚୂଡ଼ାରେ ଭକ୍ତମାନଙ୍କୁ ଅଭୀଷ୍ଟ ଫଳ ପ୍ରଦାନ କରିଆସୁଛନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜେ ଗର୍ଭଗୃହ ଭିତରେ ରହି ଆୟୁଧ ସୁଦର୍ଶନଙ୍କୁ ଶ୍ରୀମନ୍ଦିର ଶୀର୍ଷଦେଶରେ ସ୍ଥାନଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ମହାନତା ଓ ସ୍ୱାତନ୍ତ୍ର୍ୟକୁ ପ୍ରତିପାଦନ କରିଛନ୍ତି ।

### ମହାଲକ୍ଷ୍ମୀ ମନ୍ଦିରର ବୌଦ୍ଧବିଜୟ ଚିତ୍ର

ଶ୍ରୀମନ୍ଦିର ଐତିହ୍ୟର ଅନ୍ୟଏକ ପ୍ରାମାଣିକ ତଥ୍ୟ ହେଉଛି ମହାଲକ୍ଷ୍ମୀ ମନ୍ଦିରର ବୌଦ୍ଧବିଜୟ ଚିତ୍ର । ଏ ଚିତ୍ରଟି ମହାଲକ୍ଷ୍ମୀ ମନ୍ଦିର ଜଗମୋହନର ଉତ୍ତରପାର୍ଶ୍ୱ କାନ୍ଥ (ନବଗ୍ରହ ମନ୍ଦିର ପଟ)ରେ କାନ୍ଥରେ ରାମାନୁଜ ସ୍ୱାମୀଙ୍କ ଚିତ୍ରର ଉପର ଭାଗରେ ଅଙ୍କିତ ହୋଇଅଛି । ଲୋକକଥାରେ ଶୁଣିବାକୁ ମିଳେ- ଶ୍ରୀଜଗନ୍ନାଥ ମନ୍ଦିରର ଚାବିକାଠି ମହାଲକ୍ଷ୍ମୀଙ୍କ ମନ୍ଦିରରେ । ଅର୍ଥାତ୍-ଶ୍ରୀଜଗନ୍ନାଥଙ୍କ ଐତିହ୍ୟ ସମ୍ପର୍କରେ ଅନେକ ତଥ୍ୟ ଶ୍ରୀମହାଲକ୍ଷ୍ମୀ ମନ୍ଦିରର ଜଗମୋହନରେ ଚିତ୍ରିତ ହୋଇ ରହିଛି ।

ଐତିହାସିକମାନଙ୍କ ମତରେ ୭୩୬ଖ୍ରୀଷ୍ଟାବ୍ଦରୁ ଓଡ଼ିଶାରେ ଭୌମକର ବଂଶ ରାଜୁତିଠାରୁ ବୌଦ୍ଧଧର୍ମର ପ୍ରଭାବ ଶ୍ରୀମନ୍ଦିରରେ ସମାଧିକ ପଡ଼ିଥିଲା । ଭୌମକର ବଂଶୀୟ ରାଣୀ ଦ୍ୱିତୀୟ ତ୍ରିଭୁବନ ମହାଦେବୀଙ୍କ ପର୍ଯ୍ୟନ୍ତ ଅର୍ଥାତ୍ ୮୯୦ ଖ୍ରୀଷ୍ଟାବ୍ଦରୁ ୮୯୬ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବୌଦ୍ଧ ବଜ୍ରଯାନର ପ୍ରଭାବ ଶ୍ରୀକ୍ଷେତ୍ରରେ ବ୍ୟାପକ ଥିଲା । ସୂର୍ଯ୍ୟବଂଶୀ ମହାରାଜା ପ୍ରତାପରୁଦ୍ରଦେବଙ୍କ ପର୍ଯ୍ୟନ୍ତ ବୌଦ୍ଧ ଧର୍ମର ପ୍ରଭାବ କିଛି ପରିମାଣରେ ରହିଥିଲା । ଈଶ୍ୱର ଦାସଙ୍କ ୧୭ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଲିଖିତ 'ଚୈତନ୍ୟ ଭାଗବତ'ରେ ବର୍ଣ୍ଣିତ ଅଛି ଯେ, ରାଣୀ ପଦ୍ମାବତୀ ମନ୍ଦିରରେ ଦେବଦର୍ଶନ ବେଳେ ବୀରସିଂହ ବୋଲି ଜଣେ ବୌଦ୍ଧସନ୍ନ୍ୟାସୀଙ୍କ ଉପଦେଶରେ ମୁଗ୍ଧାହୋଇ ତାଙ୍କଠୁଁ ଦୀକ୍ଷା ଗ୍ରହଣ କରିଥିଲେ । ବ୍ରାହ୍ମଣମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ରାଜାଙ୍କୁ ଖବର ଦେଇଥିଲେ । ରାଜା ଓ ରାଣୀଙ୍କ ମଧ୍ୟରେ ଖୁବ୍ ତର୍କ ବିତର୍କ ହେଲା । ରାଣୀ ବୌଦ୍ଧଧର୍ମ ମହିମା ବର୍ଣ୍ଣନା କଲେ । ରାଜା ବ୍ରାହ୍ମଣ୍ୟ ଧର୍ମର ମହିମା ବର୍ଣ୍ଣନା କଲେ । ବୌଦ୍ଧ-ବ୍ରାହ୍ମଣଙ୍କ ଶ୍ରେଷ୍ଠତା ପରୀକ୍ଷା କରିବା ପାଇଁ ବ୍ୟବସ୍ଥା କରାହେଲା । ଗୋଟିଏ ମାଟି କଳସରେ ଗୁପ୍ତରେ ସର୍ପ ରଖା ଯାଇ ଉଭୟଙ୍କୁ ପଚାର ଗଲା । ବ୍ରାହ୍ମଣମାନେ କାଳନ୍ତକ ମନ୍ତ୍ର ପ୍ରୟୋଗ କରି କଳସ ମଧ୍ୟସ୍ଥ ସର୍ପକୁ ପାଉଁଶ କରିଦେବାରୁ ବୌଦ୍ଧମାନେ କଳସରେ ସାପ ଥିବାର ସତ୍ୟ କହିଥିଲେ ମଧ୍ୟ ଷଡ଼ଯନ୍ତ୍ରକାରୀଙ୍କ ଷଡ଼ଯନ୍ତ୍ରରେ ପରୀକ୍ଷାରେ ବିଫଳ ହୋଇଥିଲେ । ଶେଷରେ ବୌଦ୍ଧମାନେ ଅତ୍ୟାଚାରୀତ ହୋଇ ଶ୍ରୀକ୍ଷେତ୍ର ଛାଡ଼ି ଅରଣ୍ୟ ପାର୍ବତ୍ୟାଞ୍ଚଳକୁ ଚାଲିଯାଇଥିଲେ । ଏହାର ପ୍ରାମାଣିକ ଚିତ୍ର ମହାଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନର ଉତ୍ତରପାର୍ଶ୍ୱ କାନ୍ଥରେ ଚିତ୍ରିତ ହୋଇ ରହିଥିବା ଦେଖିବାକୁ ମିଳେ ।

କଳା, ସଂସ୍କୃତିର ସହର ପୁରୀ । ଏଠାରେ ଅବସ୍ଥିତ ବୈଷ୍ଣବ ଧର୍ମର ମୁଖ୍ୟ ପୀଠ ଶ୍ରୀଜଗନ୍ନାଥ ମନ୍ଦିର ବିଶ୍ୱର ବୃହତ୍ତମ ଶ୍ରୀଜଗନ୍ନାଥ ମନ୍ଦିର । ଏ ମନ୍ଦିରରେ ବିରାଜିତ ମହାବିଷ୍ଣୁ ଶ୍ରୀଜଗନ୍ନାଥଙ୍କ ଅଲୌକିକ ମହିମା ଯେପରି ବିଶ୍ୱ ବିଖ୍ୟାତ ତାଙ୍କ ମନ୍ଦିରର କଳା ଭାସ୍କର୍ଯ୍ୟ ମଧ୍ୟ ସେପରି ଉତ୍କୃଷ୍ଟ । ଏହାର ଗର୍ଭଗୃହ, ଜଗମୋହନ ଅଭ୍ୟନ୍ତର, ଭୋଗମଣ୍ଡପ ଏପରିକି ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ମହାଲକ୍ଷ୍ମୀଙ୍କ ଜଗମୋହନ, ବିମଳା ମନ୍ଦିର, ଦକ୍ଷିଣଦ୍ୱାର ଗୁମୁଟର କଳା ସ୍ଥାପତ୍ୟରେ ଶ୍ରୀମନ୍ଦିର ଐତିହ୍ୟର ବହୁ ଘଟଣାବଳୀ ଦର୍ଶାଯାଇଅଛି । ସାଧାରଣ ଦର୍ଶନାର୍ଥୀ ଭକ୍ତମାନେ ଏସବୁ ସ୍ଥାପତ୍ୟ ସମ୍ପର୍କରେ ଅଜ୍ଞ ଥିବାରୁ ଏସବୁ ସ୍ଥାପତ୍ୟ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରଖା ଯାଇଅଛି ବୋଲି ବୁଝିଥାନ୍ତି । ସେସବୁ ସ୍ଥାପତ୍ୟ ଓ ଚିତ୍ର କଳାରେ ରହିଥିବା ଶ୍ରୀମନ୍ଦିର ଐତିହ୍ୟକୁ ସମସ୍ତେ ଜାଣିବା ପାଇଁ ବ୍ୟବସ୍ଥା କରାଯାଇପାରିଲେ ସହଜରେ ଶ୍ରୀଜଗନ୍ନାଥଙ୍କ ଐତିହ୍ୟର ବ୍ୟାପକ ପ୍ରଚାର ଓ ପ୍ରସାର ହୋଇପାରନ୍ତା ।

ଦରଜୀପୋଖରୀ ଛକ
ଭି.ଆଇ.ପି. ରୋଡ଼,ପୋଲିସ ଲାଇନ୍, ପୁରୀ-୧